





## ଉତ୍କଟ ହେଉଛି ଏଲପିଜି ସଂକଟ

# ଅଧା ଜଳଖିଆ ଦୋକାନରେ ତାଲା ଝୁଲୁଛି

- ରାଜଧାନୀ ଛାଡୁଛନ୍ତି ଫାଷ୍ଟଫୁଡ୍ ବେପାରୀ
- ବଢ଼ିବାରେ ଲାଗିଛି ମୁଢ଼ି, ମିକ୍ଚର ଦାମ୍




ଭୁବନେଶ୍ୱର, ୮।୪(ସମିସ): ସକାଳେ ହେଉ କି ସଞ୍ଜ; ରାଜଧାନୀବାସୀ ବାହାର ଫାଷ୍ଟଫୁଡ୍ ଉପରେ ନିର୍ଭର କରନ୍ତି। ସେ ବରା, ଆଳୁଚପ, ଇଡ୍‌ଲି ଉପମା ହେଉ କି ଚାଟ୍, ଚାଓମିନ୍, ଗୁପ୍‌ଚୁପ୍ ରୋଲ୍ ହେଉ। ବିଶେଷକରି ସଞ୍ଜ ହେଲେ ରାଜଧାନୀ ଗଳିକନ୍ଦିରେ ପସରା ମେଲାଏ ଫାଷ୍ଟଫୁଡ୍ ଷ୍ଟଲ୍। ସମୟ କ୍ରମରେ ରାଜଧାନୀ ସହରର ବିଭିନ୍ନ ସ୍ଥାନରେ ଫାଷ୍ଟଫୁଡ୍ ଦୋକାନ ସଂଖ୍ୟା ବଢ଼ି ଚାଲିଥିବା ବେଳେ ଭିଡ଼ ମଧ୍ୟ ବଢ଼ି ଚାଲିଛି। ଛକବଜାରଠାରୁ ଆରମ୍ଭ କରି ମାଳମାଳ ଖାଓଗଳିରେ ଖୋଲିଛି ଭଳିକି ଭଳି ଫାଷ୍ଟଫୁଡ୍ ଦୋକାନ। କିନ୍ତୁ ଆଜିର ଏଲ୍‌ପିଜି ସଙ୍କଟ ସମୟରେ ଫାଷ୍ଟଫୁଡ୍ ବ୍ୟବସାୟୀଙ୍କ ମୁଣ୍ଡରେ ଏକ ପ୍ରଚାର ଚଡ଼କ ପଡ଼ିଛି। ରାଜଧାନୀର ଅଧିକାଂଶ ଫାଷ୍ଟଫୁଡ୍ ଦୋକାନରେ କିଛିଦିନ ହେଲା ତାଲା ଝୁଲୁଛି। ଅନେକ ଦୋକାନୀ ଦୋକାନ ବନ୍ଦ କରି ଭୁବନେଶ୍ୱର ଛାଡ଼ି ନିଜ ନିଜ ଗାଁକୁ ଚାଲି ଯାଇଛନ୍ତି।

ମଧ୍ୟ ପ୍ରାଚ୍ୟର ଯୁଦ୍ଧ ବିଭୀଷିକାର ସିଧାସଳଖ ପ୍ରଭାବ ପକାଇଛି ଭୁବନେଶ୍ୱର ବଜାର ଉପରେ। ବିଶେଷକରି ଏଲ୍‌ପିଜି ଦର ବୃଦ୍ଧି ପାଇଁ ଭୁବନେଶ୍ୱରର ବିଭିନ୍ନ ହୋଟେଲ୍, ରେଷ୍ଟୋରାଁ ଏବଂ ଫାଷ୍ଟଫୁଡ୍ ଦୋକାନଗୁଡ଼ିକରେ ଏଲ୍‌ପିଜି (ଗ୍ୟାସ୍) ସଂକଟ ଦେଖା ଦେଇଛି। ବ୍ୟବସାୟୀକ ଏଲ୍‌ପିଜି ଯୋଗାଣ ବନ୍ଦ ଯୋଗୁଁ ସହରର ଅନେକ ଫାଷ୍ଟଫୁଡ୍ ହୋଟେଲ୍ ଏବଂ ରେଷ୍ଟୋରାଁରେ ଅଚାନକ ଖାଦ୍ୟପଦାର୍ଥର ଦରବୃଦ୍ଧି ହୋଇଯାଇଛି। ବିଶେଷକରି ୬୦ ଟଙ୍କାରେ ମିଳୁଥିବା ସାଦା ଭୋଜନ ଏବେ ୭୦ରୁ ୮୦ ଟଙ୍କାରେ ବିକ୍ରି ହେଉଛି। ସେହିଭଳି ଶହେ ଟଙ୍କାରେ ବିକ୍ରି ହେଉଥିବା ଅମିଷ ଭୋଜନ ଏବେ ୧୨୦ରୁ ଦେଢ଼ ଶହ ଟଙ୍କାରେ ବିକ୍ରି ହେଉଛି। ଏସବୁ ପରେ ଅନେକ ହେଟେଲ୍‌ରେ ଆଇଟମ୍ ମଧ୍ୟ କମାଇ ଦିଆଯାଇଛି। ହୋଟେଲ୍ ମାଲିକ କଳାବଜାରରେ ଗ୍ୟାସ୍ କିଣୁଥିବାରୁ ତଥା କାଠ ଚୁଲାରେ ରୋଷେଇ କରୁଥିବାରୁ ଏଭଳି ଦରବୃଦ୍ଧି କରିବାକୁ ପଡୁଛି ବୋଲି ଅନେକ ଖୁଲମଖୁଲା ପ୍ରକାଶ କରିଛନ୍ତି। ସେହିଭଳି ଫାଷ୍ଟଫୁଡ୍ ଏବଂ ରୋଷ୍ଟୋରାଁ ଅଧିକ ଗ୍ୟାସ୍ ବ୍ୟବହାର କରାଯାଉଥିବାରୁ ସେସବୁରେ ଏବେ ତାଲା ଝୁଲୁଛି। ଏକ ଆକଳନ ଅନୁଯାୟୀ ଭୁବନେଶ୍ୱରରେ ଥିବା ୧୦ ହଜାରରୁ ଅଧିକ ଫାଷ୍ଟଫୁଡ୍ ରୋଷ୍ଟାରାଁ ମଧ୍ୟରୁ ୪ରୁ ୫ ହଜାର ବନ୍ଦ ହୋଇପଡୁଛି। ବାକି ୪ରୁ ୫ ହଜାର ରେଷ୍ଟୋରାଁ ମଧ୍ୟରୁ ଅନେକ ଗୋଟିଏ ଓଳି ଖୋଲୁଥିବା ବେଳେ ବାକି କିଛି ଦିନେ ଖୋଲିଲେ ଦିନେ ବନ୍ଦ ରହୁଛି। ଯେଉଁଥିପାଇଁ ଏହା ଉପରେ ନିର୍ଭର କରି ଚଳୁଥିବା ପ୍ରାୟ ୮ରୁ ୧୦ ହଜାର ପରିବାର ଜୀବନ ଜୀବିକା ଏବେ ଏକ ପ୍ରକାର ବିପନ୍ନ ହେବାରେ ଲାଗିଛି। ସେମାନଙ୍କ ମଧ୍ୟରୁ ଅନେକ ଭୁବନେଶ୍ୱର ଛାଡ଼ି ନିଜ ନିଜ ଗାଁକୁ ଚାଲି ଯାଇଛନ୍ତି। ତେବେ ଏଭଳି ପରିସ୍ଥିତି ଯଦି ଲାଗି ରହିବ ତେବେ ଦିନ ଆସିବ ଭୁବନେଶ୍ୱରର ଅବଶିଷ୍ଟ ରେଷ୍ଟୋରାଁ ଏବଂ ଫାଷ୍ଟଫୁଡ୍ ଦୋକାନରେ ତାଲା ଝୁଲିବା ନିଶ୍ଚିତ ହୋଇଯିବ ବୋଲି ଷ୍ଟୁଡିଓ ଛକରେ ଫାଷ୍ଟଫୁଡ୍ ଦୋକାନ କରିଥିବା ସନ୍ତୋଷ ସାହୁ କହିଛନ୍ତି। ଯେଉଁଥିପାଇଁ ଗଳିଗଳିରେ ଖୋଲୁଥିବା ଜଳଖିଆ ଦୋକାନ ବନ୍ଦ ଥିବାରୁ ଲୋକେ ଜଳଖିଆ ନ ପାଇ ନିରାଶ ହୋଇ ଫେରୁଛନ୍ତି। ଅପରପକ୍ଷେ ବାହାର ଫାଷ୍ଟଫୁଡ୍ ଉପରେ ନିର୍ଭର କରୁଥିବା ଲୋକେ ମୁଢ଼ି, ମିକ୍‌ଚର ଉପରେ ନିର୍ଭର କରୁଥିବା ବେଳେ ମୁଢ଼ି ମିକ୍‌ଚର ଦାମ୍ ମଧ୍ୟ ବୃଦ୍ଧି ପାଇଛି।

## ପୁରୁଣା ଫଟୋ ପୁରୁଣା ସ୍ମୃତି



ଭୁବନେଶ୍ୱର, ୮।୪(ସମିସ): ପୁରୁଣା ଫଟୋ ଅତୀତର ଅଭୁଲା ସ୍ମୃତି ପରି ସବୁବେଳେ ସତେଜ। ଯିଏ ମନେପକାଇ ଦିଏ ଚାଲିଯାଇଥିବା ସମୟ, ମଣିଷ ଏବଂ ଫେରେଇନିଏ କିଛି ସ୍ମୃତିର ଠିକଣା ସ୍ଥାନକୁ। କାରଣ ସମୟ ସୁଅରେ ଦୁନିଆ ଅନେକ ଉତ୍‌ଥାନ ପତନ ଦେଇ ଗତି କରିଚାଲିଛି। ଏପରିସ୍ଥଳେ ଅନେକ ପୁରୁଣା କଥା ରହିଛି ବା ସ୍ମୃତି ରହିଛି ଯାହା ଅନେକଙ୍କୁ ପରବର୍ତ୍ତୀ ସମୟରେ ଅବିସ୍ମରଣୀୟ କରି ରଖିଥାଏ। ଠିକ୍ ସେମିତି ଏକ ପୁରୁଣା ସମୟର ଫଟୋ ସେ ସମୟର ମୁଖ୍ୟମନ୍ତ୍ରୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଏବଂ ସାଙ୍ଗରେ ତାଙ୍କ ଝିଅ କ୍ରିଷ୍ଣା ମହାନ୍ତିଙ୍କୁ ଦେଖିବାକୁ ମିଳିଛି। ନବକୃଷ୍ଣ ଚୌଧୁରୀ କେବଳ ପୂର୍ବତ ମୁଖ୍ୟମନ୍ତ୍ରୀ ନୁହନ୍ତି ବରଂ ସେ ଥିଲେ ସମାଜବାଦୀ ନେତା ତଥା ଭାରତଛାଡ ଆନ୍ଦୋଳନର କର୍ମୀ ଏବଂ ଜଣେ ଆଦର୍ଶବାଦୀ ରାଜନିତୀଜ୍ଞ। ନବକୃଷ୍ଣ ଚୌଧୁରୀ ଜଣେ ସଚ୍ଚୋଟ ରାଜନେତା ଯିଏ କି ମୁଖ୍ୟମନ୍ତ୍ରୀ ପଦରୁ ଯିବା ବେଳେ ରିକ୍ସାରେ ଗୋଟିଏ ଟିଣ ଟ୍ରଙ୍କରେ ନିଜର ଆସବାବପତ୍ର ଧରି ବାହାରି ଯାଇଥିଲେ। ପିତା ନବକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣୀତ କୃଷ୍ଣା ଏବେ ଅନୁଗୁଳର ବାଜି ରାଉତ ଛାତ୍ରାବାସରେ ଗାନ୍ଧିବାଦ ଆଦର୍ଶରେ ମଣିଷ ତିଆରି କାରଖାନାଟିଏ କରିଛନ୍ତି।

- ରାମଲୀଳାର ତ୍ରୟୋଦଶ ସନ୍ଧ୍ୟାରେ

## ଲକ୍ଷ୍ମଣ ଶକ୍ତିଭେଦ ଓ ମହୀରାବଣ, ରାବଣ ବଧ



ଯାଁଳା, ୮।୪(ସମିସ): ଭୁବନେଶ୍ୱର ଉପକଣ୍ଠ ମୁଣ୍ଡମୁହାଣ ଗ୍ରାମ ର ୮୧ତମ ଐତିହାସିକ ରାମ ନାଟକ ଯାତ୍ରା ଶେଷ ପର୍ଯ୍ୟାୟ ଆଡକୁ ଗତି କରୁଛି। ଯାତ୍ରାର ତ୍ରୟୋଦଶ ସନ୍ଧ୍ୟାରେ ମହୀରାବଣବଧ, ଲକ୍ଷ୍ମଣ ଶକ୍ତିଭେଦ, ରାବଣ ବଧ ପରିବେଷଣ କରାଯାଇଥିଲା। ରାମାୟଣ କଥାବସ୍ତୁ ଅନୁସାରେ କୁମ୍ଭକର୍ଣ୍ଣ ବଧ ପରେ ରାବଣ ମର୍ମାହତ ହୋଇ ପଡ଼େ। ଏହା ପରେ ଉତ୍‌କ୍ଷିପ୍ତ ଇନ୍ଦ୍ରଜିତଙ୍କ ସହ ଲକ୍ଷ୍ମଣଙ୍କ ଘମାଘୋଟ ଯୁଦ୍ଧ ହୁଏ ଓ ଶେଷରେ ଇନ୍ଦ୍ରଜିତ ବଧହୁଏ। ଇନ୍ଦ୍ରଜିତ ବଧ ପରେ ମର୍ମାହତ ରାବଣ ଯୁଦ୍ଧ କରିବାକୁ ଆସେ। ରାମ ରାବଣ ଯୁଦ୍ଧରେ ରାବଣ ଏକଘନୀ ଅସ୍ତ୍ର ପ୍ରୟୋଗରେ ଲକ୍ଷ୍ମଣଙ୍କ ଶକ୍ତି ଭେଦ ହୁଏ। ଶ୍ରୀରାମଙ୍କ ସେନା ମଧ୍ୟରେ ଶୋକର ବାତାବରଣ ସୃଷ୍ଟି ହୁଏ। ଏହାପରେ ହନୁମାନ ବିଶଲ୍ୟକରଣୀ ପତ୍ର ଚିହ୍ନି ନ ପାରି ଗନ୍ଧମାର୍ଦ୍ଦନ ଶୃଙ୍ଗକୁ ଭାଙ୍ଗି ଉଠାଇ ନେଇ ଆଣନ୍ତି। ଅଯୋଧ୍ୟା ଉପର ଦେଇ ହନୁମାନ ଆସିଲାବେଳେ ଭରତଙ୍କ ବାଟୁଳିରେ ସେ ଭୁଲ୍‌ରେ ଖସି ପଡନ୍ତି ଓ ପରେ ହନୁମାନ ସୂର୍ଯ୍ୟ ଉଦୟ ପୂର୍ବରୁ ଗନ୍ଧମାର୍ଦ୍ଦନକୁ ଧରି ଲକ୍ଷ୍ମଣଙ୍କ ନିକଟରେ ପହଞ୍ଚନ୍ତି। ବୈଦ୍ୟ ଗୁରୁ ସୁଷେଣଙ୍କ ବିଶଲ୍ୟ ଲେପନରେ ଲକ୍ଷ୍ମଣ ସୁସ୍ଥ ହୁଅନ୍ତି। ଶେଷରେ ରାବଣ ପୁଷ୍ପକ ଯାନରେ ଆସି ରାମ ଓ ଲକ୍ଷ୍ମଣଙ୍କ ସହ ଭୟଙ୍କର ମାୟା ଯୁଦ୍ଧ ଆରମ୍ଭ କରେ ଏବଂ ଶେଷରେ ପ୍ରଭୁ ଶ୍ରୀରାମଙ୍କ ବ୍ରହ୍ମ ଅସ୍ତ୍ରରେ ରାବଣର ବଧ ହୁଏ। ନାଟକରେ ବିଭିନ୍ନ ଭୂମିକାରେ, ଭରତ ବାରିକ (ରାମ), ଗଗନ ସ୍ୱାଇଁ (ଲକ୍ଷ୍ମଣ), ମୂରଲୀ ପ୍ରଧାନ (ସୀତା), ଅନିଲ୍ ପରିଡ଼ା (ଭରତ), ଶଙ୍କର୍ଷଣ ମଙ୍ଗରାଜ (ହନୁମାନ), ଅରୁଣ ସ୍ୱାଇଁ (ମହୀରାବଣ), ସନ୍ତୋଷ ପ୍ରଧାନ (ରାବଣ), ସଞ୍ଜୟ ପରିଡ଼ା (ମନ୍ଦୋଦରୀ) ପ୍ରମୁଖ କଳାକାରଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

## ରକ୍ତଦାନ ଅଭିଯାନରେ ୮୦ ୟୁନିଟ୍ ରକ୍ତ ସଂଗ୍ରହ



ଭୁବନେଶ୍ୱର, ୮।୪(ସମିସ): ସାମାଜିକ ଅନୁଷ୍ଠାନ ହେଲ୍ମେଟ୍, ସ୍ୱୟମ୍, ସ୍ୱାଧୀନ ଫଉଣ୍ଡେସନ୍ ଓ କମିସନରେଟ୍ ପୋଲିସ୍ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଓଡ଼ିଆ ପକ୍ଷ ପାଳନ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିର ଥାଲାସେମିଆ ରୋଗୀଙ୍କ ପାଇଁ ବିଜେପି କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଜଗନ୍ନାଥ ପ୍ରଧାନ, ମାନସ ରଞ୍ଜନ ଗଡ଼ନାୟକ, ନିବେଦିତା ଭଞ୍ଜ, ଡ. ଦେବାଶିଷ ମିଶ୍ର ଓ ପ୍ରସନ୍ନ ନାଏକ ଉଦ୍‌ଘାଟନ କରିବା ସହ ନିୟମିତ ରକ୍ତଦାନ କରିବା ଦ୍ୱାରା ସାଧାରଣ ଭାବେ ହୃଦ୍‌ରୋଗ, ମଧୁମେହ ଓ କୋଲେଷ୍ଟରାଲ୍ ନିୟନ୍ତ୍ରିତ ରହେ ବୋଲି କହିଛନ୍ତି।

## ଖଣ୍ଡଗିରିରେ ତନିସ୍କର ନବନିର୍ମିତ ଶୋ' ରୁମ୍

ଭୁବନେଶ୍ୱର,୮।୪(ସମିସ): ଅଳଙ୍କାର ଖୁଚୁରା ବ୍ରାଣ୍ଡ ତନିଷ୍କ ପକ୍ଷରୁ ଭୁବନେଶ୍ୱରର ଖଣ୍ଡଗିରିରେ ଏହାର ନୂତନ ନବୀକରଣ ଷ୍ଟୋର ଖୋଲିଛି। ଟାଇଟାନ କମ୍ପାନୀ ଲିମିଟେଡର ପୂର୍ବ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ସାହ ଗୌରବ କ୍ରିଷ୍ଣା ଏବଂ ଟାଇଟାନ କମ୍ପାନୀ ଲିମିଟେଡର ତନିସ୍କ କ୍ଲଷ୍ଟର ବ୍ୟବସାୟ ମୁଖ୍ୟ ଆଲୋକ ରଞ୍ଜନ ଏହି ଷ୍ଟୋରକୁ ଉଦଘାଟନ କରିଥିଲେ। ଏହି ଅବସରରେ ତନିଷ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଲଞ୍ଚ ଅଫର ଘୋଷଣା କରାଯାଇଛି, ଯାହା ଅଧୀନରେ ଗ୍ରାହକ ସ୍ୱତନ୍ତ୍ର ଅକ୍ଷୟ ତୃତୀୟା ଅଫରର ଏକ ଅଂଶ ଭାବରେ ମେକିଙ୍ଗ୍ ଚାର୍ଜରେ ୨୦% ପର୍ଯ୍ୟନ୍ତ ରିଆତି ଏବଂ ସୁନା ଅଳଙ୍କାର କ୍ରୟ ଉପରେ ଗ୍ରାମ ପିଛା ଫ୍ଲାଟ୍ ୨୦୧ ଟଙ୍କା ପାଇପାରିବେ। ଏହି ଅଫର ୧୦ ଏପ୍ରିଲରୁ ୨୦ ଏପ୍ରିଲ ୨ପର୍ଯ୍ୟନ୍ତ ବୈଧ। ଆଇଗିଣିଆ ସ୍କୋୟାରର ଶ୍ରୀକ୍ଷେତ୍ର ବିହାରଠାରେ ଏଫ୍. ଟି. ଷ୍ଟୋର୍ ତନିଷ୍କର ଡିଜାଇନ୍ ଉତ୍କର୍ଷତା ଏବଂ ଗ୍ରାହକ-ପ୍ରଥମ ଆଭିମୁଖ୍ୟକୁ ପ୍ରତିଫଳିତ କରେ। ଏହି ଷ୍ଟୋରରେ ଚମକପ୍ରଦ ସାଦା ସୁନା, ଚମତ୍କାର ହୀରା, ପ୍ରାକୃତିକ ରଙ୍ଗିନ ରତ୍ନ ପଥର ଏବଂ ପୋଲ୍କିରେ ଆଇକନିକ ତନିସ୍କ ଅଳଙ୍କାର ଡିଜାଇନ୍‌ର ଏକ ବ୍ୟାପକ ଚୟନ ରହିଛି। ଉଦଘାଟନୀ ଉତ୍ସବରେ ଗୌରବ କ୍ରିଷ୍ଣା କହିଛନ୍ତି, ଖଣ୍ଡଗିରିରେ ଆମର ଏହି ନବନିର୍ମିତ ଶୋ ରୁମ୍ ଷ୍ଟୋରରେ ବିସ୍ତୃତ ବିବାହ ସଂଗ୍ରହଠାରୁ ଆରମ୍ଭ କରି ସୁନ୍ଦର ଦୈନନ୍ଦିନ ପରିଧାନ ଏବଂ ସାଂସ୍କୃତିକ ଭାବରେ ଅନୁପ୍ରାଣିତ ଡିଜାଇନ୍ ପର୍ଯ୍ୟନ୍ତ ସୁନା ଏବଂ ହୀରା ଅଳଙ୍କାର ରହିଛି।




## ପେନସନ ଅଦାଲତରେ ୬୮ ଅଭିଯୋଗ ଶୁଣାଣୀ




ଭୁବନେଶ୍ୱର,୮।୪(ସମିସ): ଓଡ଼ିଶା ପୁଲିସ ଆନୁକୂଲ୍ୟରେ ପ୍ରଧାନ ମହାଲେଖାକାର ଓ ରାଜ୍ୟ ପୁଲିସ ମୁଖ୍ୟାଳୟ ସହଯୋଗରେ ଭୁବନେଶ୍ୱରସ୍ଥିତ ସପ୍ତମ ବାଟାଲିୟନ ପରିସରରେ ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପେନସନ ଏବଂ ଭବିଷ୍ୟନିଧି ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଅଦାଲତରେ କଟକ ଏବଂ ଖୋର୍ଦ୍ଧା ଜିଲ୍ଲାର ପୁଲିସ ବିଭାଗର ଅବସରପ୍ରାପ୍ତ ପୁଲିସ କର୍ମଚାରୀଙ୍କ ପେନସନ ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ଶୁଣାଣି କରାଯାଇଥିଲା। ଏହି ଅଦାଲତରେ ଦୀର୍ଘ ଦିନ ଧରି ଫଇସଲା ହୋଇ ନ ଥିବା ଗ୍ରାଚୁଇଟି, ଭବିଷ୍ୟନିଧି, ପରିବାର ପେନସନ ଏବଂ ଅନ୍ୟାନ୍ୟ ଆର୍ଥିକ ସମସ୍ୟା ସମ୍ବନ୍ଧୀୟ ବିଭିନ୍ନ ଅଭିଯୋଗର ପ୍ରାଥମିକତା ଭିତ୍ତିରେ ଶୁଣାଣି କରାଯାଇଥିଲା।

ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସୌମେନ୍ଦ୍ର କୁମାର ପ୍ରିୟଦର୍ଶୀ ଉଦଘାଟନ କରିବା ସହ ଓଡ଼ିଶା ପୁଲିସ କର୍ମଚାରୀମାନଙ୍କ ପାଇଁ ପ୍ରଥମଥର ପାଇଁ ସ୍ୱତନ୍ତ୍ର ପେନସନ ଅଦାଲତ ଆୟୋଜନ କରାଯାଇଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ପଦକ୍ଷେପ ପେନସନ ଉପଭୋକ୍ତାଙ୍କ କଲ୍ୟାଣ ନିମନ୍ତେ ଏକ ମାଇଲଷ୍ଟୋନ ଭାବେ ପରିଗଣିତ ହେବ ବୋଲି ସେ କହିଥିଲେ। ଏହାସହ ସେ ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ) କାର୍ଯ୍ୟାଳୟର ଏହି ପ୍ରୟାସକୁ ପ୍ରଶଂସା କରିଥିଲେ। ଏହି ଅଦାଲତରେ ମୋଟ ୬୮ ଜଣ ପେନସନର/ପରିବାର ପେନସନ ଉପଭୋକ୍ତା ଉପସ୍ଥିତ ରହି ନିଜର ଅଭିଯୋଗ ଓ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ତ ମାମଲାକୁ ସଠିକ ଭାବରେ ପରୀକ୍ଷା କରାଯାଇ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହାସହ ୧୬ଟି ପିପିଓ ଏବଂ ଭବିଷ୍ୟନିଧି ସୂଚନା ପତ୍ର ଉପଭୋକ୍ତାମାନଙ୍କୁ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ଶ୍ରୀ ପ୍ରିୟଦର୍ଶୀ ଏବଂ ଶ୍ରୀ ସ୍ୱାମୀ ଶୁଭମ ବୈଜନାଥ , ଉପ ମହାଲେଖାକାର, (ପେନସନ ଓ ଭବିଷ୍ୟନିଧି), ପ୍ରଧାନ ମହାଲେଖାକାର (ଲେଖା ଓ ହକଦାରୀ)ଙ୍କ ଦ୍ୱାରା ବିତରଣ କରାଯାଇଥିଲା।

## ଆଇଏଲଏସ୍ କର୍ମଚାରୀଙ୍କ ଅକାଳ ବିୟୋଗ

ଭୁବନେଶ୍ୱର, ୮।୪(ସମିସ): ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇସେନ୍ସ (ଆଇଏଲଏସ)ର କାର୍ଯ୍ୟରତ କିଂଶୁକଚନ୍ଦ୍ର ନାୟକ(୫୨)ଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ମଙ୍ଗଳବାର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ତାଙ୍କ ବିୟୋଗରେ ଆଇଏଲ୍‌ଏଲଏସ୍ କାର୍ଯ୍ୟାଳୟ ଓ ତାଙ୍କ ପୈତୃକ ଗ୍ରାମ କେନ୍ଦ୍ରାପଡ଼ା ଜିଲ୍ଲା ପେରିଜପୁରରେ ଶୋକର ଛାୟା ଖେଳିଯାଇଛି। ନିର୍ଦ୍ଦେଶକ ଡଃ ଦେବାଶିଷ ଦାଶଙ୍କ ସମେତ ସମସ୍ତ ସହକର୍ମୀ ଉପସ୍ଥିତ ରହି ଶେଷଦର୍ଶନ କରିଥିଲେ।

## ଜନତା ସବୁ ଜାଣନ୍ତି

# ଇଥାନଲ ଯୁକ୍ତ ପେଟ୍ରୋଲ ଭଲ ନା ଖରାପ!

ଭୁବନେଶ୍ୱର, ୮।୪(ସମିସ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପାଇଁ ତୈଳ ସଙ୍କଟରେ ହଇଚଇ ଦେଖିବାକୁ ମିଳିଛି। ଏହି ପ୍ରରିପେକ୍ଷୀରେ ଆଗରୁ ଇ-୫, ଇ-୧୦ ତେଲ ମିଳୁଥିଲା। ହେଲେ ଗୋଟେ ସପ୍ତାହ ପୂର୍ବରୁ ସାରା ଦେଶରେ ଇ-୨୦ ପେଟ୍ରୋଲ ଗାଡ଼ିରେ ପକାଇବାକୁ ଲାଗୁ ହୋଇଛି। ଫଳରେ ଏହାକୁ ନେଇ ଲୋକଙ୍କ ମନରେ ଅନେକ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ତେଲ ପକାଇଲେ ଏହା ଗାଡ଼ିକୁ ଖରାପ କରିବ କି କିମ୍ବା ମାଇଲେଜ୍ କମିଯିବ କି ଏମିତି ଅନେକ କିଛି କଥା ଶୁଣିବାକୁ ମିଳୁଛି।



ଇଥାନଲ୍ ହେଉଛି ଆଖୁ, ଶସ୍ୟ (ମକା, ଭଙ୍ଗା ଚାଉଳ, ବଳକା ଚାଉଳ) ପରି ଫସଲ ଏବଂ କୃଷି ବର୍ଜ୍ୟବସ୍ତୁରୁ ତିଆରି ଏକ ନବୀକରଣୀୟ ଜୈବଇନ୍ଧନ। ଏହାର ଦହନ ତୁଳନାତ୍ମକ ଭାବେ ସ୍ୱଚ୍ଛ ଏବଂ ଏଥିରୁ କ୍ଷତିକାରକ କାର୍ବନ ମନୋକ୍ସାଇଡ୍ ଏବଂ କଣିକା ପଦାର୍ଥ କମ୍ ସୃଷ୍ଟି ହୁଏ। ଏହା କୃଷି ଉତ୍ପାଦର ଚାହିଦା ବୃଦ୍ଧି କରି ଗ୍ରାମୀଣ ଅର୍ଥନୀତିକୁ ମଧ୍ୟ ବୃଦ୍ଧି କରିପାରିବ। ଇ-୨୦ର ବ୍ୟବହାର ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ଏବଂ ସବୁଜଗୃହ ଗ୍ୟାସ ନିର୍ଗମନକୁ ହ୍ରାସ କରେ। ଅନ୍ୟ ପକ୍ଷରେ ପେଟ୍ରୋଲ ତୁଳନାରେ ଇଥାନଲ୍‌ରେ କମ୍ ଶକ୍ତି ପରିମାଣ ଥିବାରୁ ଇ-୨୦ ଇନ୍ଧନ କ୍ଷମତାରେ ହ୍ରାସ କରିପାରେ। ଏହା ପାଇଁ ସମସ୍ତ ପ୍ରକାର ଯାନ ସୁସଙ୍ଗତ ନୁହେଁ। ବିଶେଷକରି ପୁରୁଣା ଇଞ୍ଜିନଗୁଡ଼ିକ ଯାହା ଗାଡ଼ିର ରବର ଏବଂ ପ୍ଲାଷ୍ଟିକ୍ ଉପାଦାନଗୁଡ଼ିକର ଅବକ୍ଷୟ କିମ୍ବା କ୍ଷତି ଘଟାଇପାରେ। ଏହା ଫସଲକୁ ବ୍ୟବହାର କରୁଥିବାରୁ ଖାଦ୍ୟ ବନାମ ଇନ୍ଧନ ବିତର୍କର ସୃଷ୍ଟି ହୋଇପାରେ। ଭିତ୍ତିଭୂମିର ନିର୍ମାଣ ଏବଂ ଇଞ୍ଜିନ ପରିବର୍ତ୍ତନ ନିମନ୍ତେ ଖର୍ଚ୍ଚ ମଧ୍ୟ ବୃଦ୍ଧି ହୋଇପାରେ। ସାମଗ୍ରିକ ଭାବରେ, ଇ-୨୦ ହେଉଛି ଏକ ସ୍ୱଚ୍ଛ କିନ୍ତୁ ମଧ୍ୟବର୍ତ୍ତୀ ଭୂମିକା ନିର୍ବାହକାରୀ ଇନ୍ଧନ।

-ଜୟକୃଷ୍ଣ ପାଣିଗ୍ରାହୀ, କାର୍ଯ୍ୟକାରୀ ସଭାପତି, ଓଡ଼ିଶା ପରିବେଶ ସମିତି



ପୂର୍ବରୁ ଇ-୫, ଇ-୧୦ ପେଟ୍ରୋଲ ତେଲ ମିଳୁଥିଲା। ଏକ ସପ୍ତାହ ହେଲେ ଇ-୨୦ ଏହା ବାଧ୍ୟତାମୂଳକ ହୋଇଯାଇଛି। ବିଶେଷ କରି ପ୍ରାଇଭେଟ କମ୍ପାନୀମାନେ ଇ-୨୦ ମିଶାଉ ନ ଥିଲେ। ହେଲେ ଏବେ ସମସ୍ତେ ଏହାଲ ପାଳନ କରିଛନ୍ତି। ଏହାଦ୍ୱାରା ଗାଡ଼ିର ଇଞ୍ଜିନ୍ ଥଣ୍ଡା ରହିବା ସହ ପ୍ରଦୂଷଣ କମିଥାଏ। ଏଥିରେ ମାଇଲେଜ କମିବାର ଯେଉଁ କଥା ଶୁଣିବାକୁ ମିଳୁଛି ରେଡ଼ର୍କ ହୋଇନାହିଁ। କେନ୍ଦ୍ରସରକାରଙ୍କ ନୀତି ଆୟୋଗର ଏକ କମିଟି ଗାଡ଼ି ମ୍ୟାନୁଫ୍ୟାଚର କମ୍ପାନୀ, ଅଟମୋବାଇଲ ରିର୍ସଚ୍ ଆସୋସିଏସନ୍, ଇଣ୍ଡିଆନ୍ ଅଏଲ୍ ପକ୍ଷରୁ ନୂଆ ଓ ପୁରୁଣା ଗାଡ଼ି ଉପରେ ରିର୍ସଚ କରିଥିଲେ। ଇ-୨୦ ପେଟ୍ରୋଲର କଣ ପ୍ରଭାବ ରହୁଛି ଏହା ଉପରେ। ଏବଂ ଏଥିରେ କୈଣସି ନକରାତ୍ମକ ପ୍ରଭାବ ପଡୁନାହିଁ ବୋଲି ଜାଣିବାକୁ ମିଳିଥିଲା। ଏହା ଅଧିକ ପରିବେଶ ଉପଯୋଗୀ ହୋଇପାରିବ। ବ୍ରାଜିଲ୍‌ରେ ବହୁତ ପୂର୍ବରୁ ଇ୨୭ପ୍ରେଟୋଲ ମିଳୁଛି। ଆଗକୁ ୧୦୦ ପ୍ରତିଶତ ଇପେଟ୍ରୋଲରେ ଚାଲିଲା ଭଳି ଗାଡ଼ିର ଇଞ୍ଜିନ୍ ଉପରେ କାମ କରାଯାଉଛି। ଯଦି ଏହା ସଫଳ ହୁଏ ତେବେ ଆଗକୁ ଇ-ପେଟ୍ରୋଲ ଗାଡ଼ି ବଜାରରେ ଦେଖିବାକୁ ମିଳିବ

-ସଞ୍ଜୟ ଲାଠ୍, ସାଧାରଣ ସମ୍ପାଦକ, ଉତ୍କଳ ପେଟ୍ରୋଲିୟମ୍ ଡିଲର ଆସୋସିଏସନ୍

ଇଥାନଲ ମିଶା ପେଟ୍ରୋଲ ଗାଡ଼ି ପାଇଁ ଉପକାରୀ ଅଟେ। ଏହା ଜଳନକୁ ସୁଧାରି ଇଞ୍ଜିନର କାର୍ଯ୍ୟକ୍ଷମତାକୁ ବଢ଼ାଇଥାଏ ଏବଂ ପେଟ୍ରୋଲ ଉପରେ ନିର୍ଭରତା କମାଏ।ଇଥାନଲ ମିଶ୍ରିତ ଇନ୍ଧନ ବ୍ୟବହାର କଲେ ହାନିକାରକ ଧୂଆଁ ଓ କାର୍ବନ ଉତ୍ସର୍ଜନ କମିଥାଏ। ଯାହା ପରିବେଶ ପାଇଁ ଭଲ। ଏହା ଦେଶୀୟ କୃଷି ଉତ୍ପାଦନ ଉପଯୋଗକୁ ବଢ଼ାଇ ଅର୍ଥନୀତିକୁ ସହାୟତା କରେ। କିନ୍ତୁ ଅଧିକ ମାତ୍ରାରେ ଇଥାନଲ ଥିଲେ ପୁରୁଣା ଇଞ୍ଜିନରେ କ୍ଷୟ ବା ଷ୍ଟାର୍ଟିଂ ସମସ୍ୟା ହୋଇପାରେ। ତେଣୁ ସୁପାରିଶ କରାଯାଇଥିବା ମାତ୍ରାରେ ଇଥାନଲ ମିଶା ପେଟ୍ରୋଲ ବ୍ୟବହାର କରିବା ଉଚିତ। ଇଥାନଲ ମିଶା ପେଟ୍ରୋଲ ଗାଡି ପାଇଁ କିଛି ଦିଗରେ ଖରାପ ମଧ୍ୟ। ଅଧିକ ଇଥାନଲ ଥିଲେ ଗାଡିର ମାଇଲେଜ୍ କମିପାରେ ଏବଂ ପୁରୁଣା ଇଞ୍ଜିନରେ କେତେକ ସମସ୍ୟା ହେବାର ସମ୍ଭାବନା ରହେ। ଏହା ସହିତ ରବର ପାର୍ଟ ଓ ଫ୍ୟୁଏଲ୍ ସିଷ୍ଟମ୍ ଉପରେ ପ୍ରଭାବ ପକାଇପାରେ। ତେଣୁ ନିର୍ମାତାଙ୍କ ସୁପାରିଶ ଅନୁସାରେ ଇଥାନଲ ମିଶା ପେଟ୍ରୋଲ ବ୍ୟବହାର କରିବା ଉଚିତ।



-କୁସୁମ କୁମାରୀ, କର୍ମଜୀବୀ



ଇଥାନଲ ମିଶା ପେଟ୍ରୋଲ ଗାଡି ପାଇଁ ସାଧାରଣତଃ ଭଲ ମନାଯାଏ, କାରଣ ଏହା ପରିବେଶକୁ କମ୍ ଦୂଷିତ କରେ। ଏହା ଇନ୍ଧନର ଖର୍ଚ୍ଚ କମେଇବାରେ ସହାୟକ ଏବଂ ଦେଶୀୟ ଉତ୍ପାଦନକୁ ବୃଦ୍ଧି କରେ। କିନ୍ତୁ ଅଧିକ ପରିମାଣର ଇଥାନଲ ପୁରୁଣା ଇଞ୍ଜିନରେ ରବର ଓ ପାଇପକୁ କ୍ଷତି କରିପାରେ। ଠିକ୍ ମାତ୍ରାରେ (ଇ୧୦/ଇ୨୦) ବ୍ୟବହାର କଲେ ଗାଡିର କାର୍ଯ୍ୟକ୍ଷମତା ସାଧାରଣତଃ ଭଲ ରହେ। ସେହିପରି, ନିର୍ଦ୍ଦିଷ୍ଟ ମାନକ ଅନୁଯାୟୀ ଇଥାନଲ ମିଶା ପେଟ୍ରୋଲ ବ୍ୟବହାର କରିବା ଉଚିତ।

-ସରିତା ସ୍ୱାଇଁ, ଗୃହିଣୀ



ଇ-୨୦ ପେଟ୍ରୋଲ ଗାଡି ପାଇଁ ପୂରାପୂରି ଖରାପ ନୁହେଁ ଓ ପୂରାପୂରି ଭଲ ମଧ୍ୟ ନୁହେଁ। ଇ୨୦ ଇନ୍ଧନରେ ସାଧାରଣ ପେଟ୍ରୋଲ ତୁଳନାରେ କମ୍ ଶକ୍ତି ଥାଏ, ସେଥିପାଇଁ ମାଇଲେଜ୍ କମିପାରେ। ପୁରୁଣା ଗାଡିରେ ଇଥାନଲ ଦୀର୍ଘ ସମୟରେ ରବରପାଇପ, ସିଲ୍‌ଓ ଫ୍ୟୁଏଲ ଲାଇନକୁ କ୍ଷତି କରିପାରେ। ଇଞ୍ଜିନ ପର୍ଫର୍ମାନ୍ସ ସମସ୍ୟା ଦେଖାଦେଇପାରେ। ଫ୍ୟୁଏଲ ସିଷ୍ଟମ ଭିତରେ ଜଙ୍ଗ (ରଷ୍ଟ) ପଡ଼ିପାରେ।

-ସୂର୍ଯ୍ୟମଣି ସେଠୀ, କର୍ମଜୀବୀ



ପେଟ୍ରୋଲ ସହିତ ଇଥାନଲ୍ ମିଶ୍ରିତ ହେବା ଲାଭଦାୟକ ହୋଇପାରେ କାରଣ ଏହା ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା ହ୍ରାସ କରେ ଏବଂ ନିର୍ଗମନକୁ ହ୍ରାସ କରେ। ତଥାପି, ଉଚ୍ଚ ଇଥାନଲ୍ ପରିମାଣ (୨୦ ପ୍ରତିଶତରୁ ଅଧିକ) କିଛି ଯାନରେ ଇଞ୍ଜିନ୍ କ୍ଷୟ, ଇନ୍ଧନ ସିଷ୍ଟମ୍ କ୍ଷତି ଏବଂ ଇନ୍ଧନ ଦକ୍ଷତା ହ୍ରାସ ପରି ସମସ୍ୟା ସୃଷ୍ଟି କରିପାରେ। ଭାରତରେ ଅଧିକାଂଶ ଆଧୁନିକ ଯାନଗୁଡ଼ିକ ୨୦% ପର୍ଯ୍ୟନ୍ତ ଇଥାନଲ୍ ମିଶ୍ରଣ (ଇ୨୦) ପରିଚାଳନା କରିବା ପାଇଁ ଡିଜାଇନ୍ କରାଯାଇଛି। ସୁସଙ୍ଗତତା ପାଇଁ ଆପଣଙ୍କ ଯାନର ମାନୁଆଲ୍ କିମ୍ବା ନିର୍ମାତାଙ୍କ ସହିତ ପରାମର୍ଶ କରି ଅଧିକ ତଥା ମଧ୍ୟ ଜାଣିପାରିବେ।

-ରୂପେଶ କୁମାର ନିଆଲ, ଯୁକ୍ତଦୁଇ ବିଜ୍ଞାନ ଛାତ୍ର

